# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

କର୍ମଚାରୀମାନଙ୍କ ପାଇଁ ଅତି ସଂକ୍ଷେପରେ କେତୋଟି **"ଜାଣିବା କଥା"** (ତା୦୯.୦୧.୨୦୧୮ରିଖ ସୁଦ୍ଧା)

## ୧. କର୍ମଚାରୀଙ୍କ ନିମିତ୍ତ ନିୟମିତ ଆର୍ଥିକ ସୁବିଧା -

"କ୍ୟାଣ୍ଟିନ୍ ସବ୍‌ସିଡି" - ପ୍ରତି ମାସରେ ସମସ୍ତ କର୍ମଚାରୀ ଟ.୨୦୦/-ଙ୍କା ପାଇବେ ।

"ଖବରକାଗଜ" - ପ୍ରତି ମାସରେ କିରାଣୀ ଟ.୧୭୫/-ଙ୍କା ଏବଂ ସବ୍‌ଷ୍ଟାଫ୍ ଟ.୧୫୦/-ଙ୍କା ପାଇବେ ।

"ମାସିକ ପେଟ୍ରୋଲ୍ ଖର୍ଚ୍ଚ ଭରଣା" -

କିରାଣୀ - ଗାଡି ଥିଲେ ୭ ଲିଟର ପେଟ୍ରୋଲ୍‌ର ଦାମ୍ (ସର୍ବାଧିକ ଟ.୫୨୫/-ଙ୍କା) ଏବଂ ଗାଡି ନ ଥିଲେ ଟ.୧୭୫/-ଙ୍କା ପାଇବେ ।

ସବ୍‌ଷ୍ଟାଫ୍ - ଗାଡି ଥିଲେ ୫ ଲିଟର ପେଟ୍ରୋଲ୍‌ର ଦାମ୍ (ସର୍ବାଧିକ ଟ.୩୭୫/-ଙ୍କା) ଏବଂ ଗାଡି ନ ଥିଲେ ଟ.୧୨୫/-ଙ୍କା ପାଇବେ ।

"କ୍ଲିନିଙ୍ଗ୍ ମେଟେରିଆଲ୍ ଖର୍ଚ୍ଚ ଭରଣା" - ପ୍ରତି ୩ ମାସରେ ଥରେ (ଜାନୁଆରୀ, ଏପ୍ରିଲ୍, ଜୁଲାଇ ଏବଂ ଅକ୍ଟୋବର ମାସରେ) -
କିରାଣୀ ମାସକୁ ଟ.୧୨୫/-ଙ୍କା ହିସାବରେ ଟ.୩୭୫/-ଙ୍କା ଏବଂ ସବ୍‌ଷ୍ଟାଫ୍ ମାସକୁ ଟ.୧୦୦/-ଙ୍କା ହିସାବରେ ଟ.୩୦୦/-ଙ୍କା ପାଇବେ ।

"ମେଡିକାଲ୍ ଏଡ୍" - ପ୍ରତି କ୍ୟାଲେଣ୍ଡର ବର୍ଷରେ ସମସ୍ତ କର୍ମଚାରୀ ଟ.୨,୨୦୦/-ଙ୍କା ପାଇବେ ।

## ୨. କର୍ମଚାରୀଙ୍କ ନିମିତ୍ତ ଅନ୍ୟାନ୍ୟ ଆର୍ଥିକ ସୁବିଧା -

"ହେଲଥ ଚେକ୍-ଅପ" - ୩୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ କର୍ମଚାରୀ ପ୍ରତି ଆର୍ଥିକ ବର୍ଷରେ ଟ.୧,୫୦୦/-ଙ୍କା ପାଇପାରିବେ ।
୩୫ ବର୍ଷରୁ ଉର୍ଦ୍ଧ୍ୱ ମହିଳା କର୍ମଚାରୀ ଅତିରିକ୍ତ ଟ.୭୦୦/-ଙ୍କା ଓ ୪୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ କର୍ମଚାରୀ ଅତିରିକ୍ତ ଟ.୯୦୦/- ଙ୍କା ପାଇପାରିବେ ।

"ଏଲ.ଏଫ୍.ସି." - କିରାଣୀ - ୨-ବର୍ଷିଆ ବ୍ଲକ୍‌ରେ ୨୦୦୦ କି.ମି.ର ଓ ୪-ବର୍ଷିଆ ବ୍ଲକ୍‌ରେ ୪୦୦୦ କି.ମି.ର ଟୁ-ଟାୟାର୍ ଏ.ସି.ର ଏବଂ
ସବ୍‌ଷ୍ଟାଫ୍ - ୨-ବର୍ଷିଆ ବ୍ଲକ୍‌ରେ ୨୫୦୦ କି.ମି. ଏବଂ ୪-ବର୍ଷିଆ ବ୍ଲକ୍‌ରେ ୫୦୦୦ କି.ମି.ର ଥ୍ରୀ-ଟାୟାର୍ ଏ.ସି.ର ରେଳ ଭଡା ପାଇପାରିବେ ।
ଏଲ୍.ଏଫ୍.ସି. ନେବା ସମୟରେ ବ୍ୟାଙ୍କ୍‌ର "ହଲିଡେ ହୋମ୍"ରେ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗ ରହିପାରିବେ ।

"ଲିଭ୍ ଏନ୍‌କ୍ୟାସ୍‌ମେଣ୍ଟ" - ୨-ବର୍ଷିଆ ବ୍ଲକ୍‌ରେ ୧୫ ଦିନ ଏବଂ ୪-ବର୍ଷିଆ ବ୍ଲକ୍‌ରେ ୩୦ ଦିନର ପି.ଏଲ୍. ବିକ୍ରୀ ବାବଦ ଅର୍ଥ ପାଇପାରିବେ ।

ଭିନ୍ନକ୍ଷମ କର୍ମଚାରୀଙ୍କୁ ବ୍ୟବହାର୍ଯ୍ୟ ଉପକରଣ କ୍ରୟ ତଥା କମ୍ପ୍ୟୁଟର ଶିକ୍ଷାବ୍ୟୟ ନିମିତ୍ତ ବାର୍ଷିକ ସର୍ବାଧିକ ଟ.୩,୦୦୦/-ର ଆର୍ଥିକ ସାହାଯ୍ୟ ମିଳିବ ।

"କ୍ଷୁଦ୍ର ପରିବାର ଜନିତ ଅସ୍ତ୍ରୋପଚାର" - ଟ.୫୦୦/-ଙ୍କା ପ୍ରୋତ୍ସାହନ ରାଶି ସହିତ ସ୍ପେଶାଲ୍ ସି.ଏଲ୍. ମିଳିପାରିବ ।

"ଆଣ୍ଟିନାଟାଲ୍ ମେଡିକାଲ୍ ଚେକ୍-ଅପ୍" - ମହିଳା କର୍ମଚାରୀଙ୍କୁ ପ୍ରସୂତିକାଳୀନ ଚିକିତ୍ସା ବାବଦ ଟ୫,୦୦୦/- ଲେଖାଁଏ, ସର୍ବାଧିକ ୨ ଥର, ମିଳିବ ।

"ସିଲଭର ଜୁବିଲି ଆୱାର୍ଡ୍"- ନିଜ ପାଇଁ ଏବଂ ସ୍ତ୍ରୀ/ସ୍ୱାମୀଙ୍କ ପାଇଁ ୨ଟି ହାତଘଣ୍ଟା ପାଇବେ ।
ଯୋଗ୍ୟତା - ୨୫ ବର୍ଷର ଚାକିରୀକାଳ ସଂପୂର୍ଣ୍ଣ ହେଲା ପରେ, ବା ସାମରିକ କର୍ମଚାରୀ ହୋଇଥିଲେ, ୨୦ ବର୍ଷର ଚାକିରୀ ସଂପୂର୍ଣ୍ଣ ହେଲା ପରେ ।
ଏହି ଉପହାର ନ ପାଇ ଜଣେ କର୍ମଚାରୀ ଅବସର ନେଉଥିଲେ, ତାଙ୍କୁ "ଲାଇଫ୍ ଟାଇମ୍ ଆପ୍ରେସିଏସନ୍ ଆୱାର୍ଡ୍" ସ୍ୱରୂପ ଏହା ପ୍ରଦାନ କରାଯିବ ।

## ୩. କର୍ମଚାରୀଙ୍କ ପିଲାମାନଙ୍କ ନିମିତ୍ତ ଆର୍ଥିକ ପ୍ରୋତ୍ସାହନ -

"ସ୍କୁଲ ଫିସ୍" - ନର୍ସରୀ/ପ୍ରାରମ୍ଭ/୧ମ ଶ୍ରେଣୀରୁ "+୨" ଶ୍ରେଣୀ ମଧ୍ୟରେ ପଢୁଥିବା ଜଣେ ପିଲା ନିମିତ୍ତ ପ୍ରତି ଶିକ୍ଷାବର୍ଷରେ ଟ୨,୨୫୦/-ଙ୍କା ମିଳିବ ।

"କଲେଜ ଫିସ୍"- ଇଞ୍ଜିନିୟରିଂ/ମେଡିକାଲ ଆଦି ବୈଷୟିକ ଡିଗ୍ରୀ ପାଠ୍ୟକ୍ରମ ପଢୁଥିବା ଜଣେ ପିଲା ନିମିତ୍ତ ପ୍ରତି ଶିକ୍ଷାବର୍ଷରେ ୩,୨୫୦/-ମିଳିବ ।

"ମାସିକ ଉଚ୍ଚଶିକ୍ଷା ବୃତ୍ତି" - ପୂର୍ବ ପରୀକ୍ଷାରେ ଆବଶ୍ୟକ ନମ୍ବର ଥିଲେ "+୨"ରୁ "ପି.ଜି." ପର୍ଯ୍ୟନ୍ତ ଜଣେ ପିଲାକୁ ପ୍ରତି ଶିକ୍ଷାବର୍ଷରେ ମିଳିବ ।
ସ୍ୱଗୃହରେ ରହି ପଢିଲେ "+୨/ଡିପ୍ଲୋମା"ପଢିଲେ ଟ.୩୭୫/-ଙ୍କା ଏବଂ "+୩"/ଟେକ୍‌ନିକାଲ୍ କୋର୍ସ/ପି.ଜି." ପଢିଲେ ଟ.୫୦୦/-ଙ୍କା,
ଏବଂ ଛାତ୍ରାବାସରେ ରହି "+୨/ଡିପ୍ଲୋମା/+୩/ଟେକ୍‌ନିକାଲ୍ କୋର୍ସ/ପି.ଜି." ପଢିଲେ ଟ.୭୦୦/-ଙ୍କା ବୃତ୍ତି ମିଳିପାରିବ ।
(କିରାଣୀ - ୧୦ମରେ ୭୫%, "+୨"କଳା/ବାଣିଜ୍ୟ/ଡିପ୍ଲୋମା"ରେ ୬୦%, "+୨ ବିଜ୍ଞାନ"ରେ ୭୫%, "+୩"/ଡିପ୍ଲୋମା"ରେ ୬୦% ।
ସବ୍‌ଷ୍ଟାଫ୍ - ୧୦ମରେ ୬୫%, "+୨"କଳା/ବାଣିଜ୍ୟ/ଡିପ୍ଲୋମା"ରେ ୫୦%, "+୨ ବିଜ୍ଞାନ"ରେ ୬୫%, "+୩"/ଡିପ୍ଲୋମା"ରେ ୬୦%)

୧ମରୁ "+୨"ଶ୍ରେଣୀ ମଧ୍ୟରେ ବାର୍ଷିକ ପରୀକ୍ଷାରେ "ପ୍ରଥମ ସ୍ଥାନ" ପାଇଲେ ମେଧାବୀ ପିଲାମାନଙ୍କୁ ପରବର୍ତ୍ତୀ ଶିକ୍ଷାବର୍ଷରେ ଟ୩,୦୦୦/-ମିଳିବ ।

ଉଚ୍ଚମାନ୍ୟତାପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପଢିବା ପାଇଁ କର୍ମଚାରୀଙ୍କ ପିଲାଙ୍କ ପାଇଁ ନିଆଯାଇଥିବା ଶିକ୍ଷା ଋଣ ଉପରେ ୧% ରିହାତି ମିଳିପାରିବ ।

"ୟୁନିୟନ୍ ୟୁଥ୍" ଯୋଜନାରେ ପାରଦର୍ଶିତା ହାସଲ କରିଥିବା ପିଲାଙ୍କୁ ଟ୫,୦୦୦/-ଙ୍କା, ଟ.୧୦,୦୦୦/-ଙ୍କା ଏବଂ ଟ.୨୦,୦୦୦/-ଙ୍କା ମିଳିବ ।

କର୍ମଚାରୀଙ୍କ ଭିନ୍ନକ୍ଷମ ପିଲାଙ୍କୁ ବ୍ୟବହାର୍ଯ୍ୟ ଉପକରଣ କ୍ରୟ ତଥା କମ୍ପ୍ୟୁଟର ଶିକ୍ଷା ବ୍ୟୟ ନିମିତ୍ତ ବାର୍ଷିକ ସର୍ବାଧିକ ଟ.୧,୦୦୦/-ଙ୍କା ମିଳିପାରିବ ।

## ୪. କର୍ମଚାରୀଙ୍କ ନିମିତ୍ତ ସ୍ୱାସ୍ଥ୍ୟ ଚିକିତ୍ସା ସମ୍ବନ୍ଧୀୟ ଆର୍ଥିକ ସୁବିଧା -

"ମେଡିକାଲ୍ ବୀମା ଯୋଜନା" – ମେଡିକାଲ୍ ଖର୍ଚ୍ଚ ଭରଣା ବାବଦ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ବୀମାରାଶି ଭୁକ୍ତ ହୋଇପାରିବେ ।ଏତଦ୍‌ବ୍ୟତୀତ,
ଟ.୩,୫୧୧/-ଙ୍କା ପ୍ରିମିଅମ୍‌ରେ ଅତିରିକ୍ତ ୪ ଲକ୍ଷ (ମୋଟ ୭ ଲକ୍ଷ) ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ବୀମାରାଶି ଭୁକ୍ତ ହୋଇପାରିବେ ।

କେତେକ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା କ୍ଷେତ୍ରରେ, "ମେଡିକାଲ୍ ବିଲ୍"ରୁ ମଞ୍ଜୁର ନ ହୋଇଥିବା ପରିମାଣ "ଏକ୍ସ-ଗ୍ରାସିଆ" ସାହାଯ୍ୟ ରୂପେ ମିଳିପାରିବ ।

ଡାକ୍ତରୀ ଚିକିତ୍ସା ନିମିତ୍ତ ମୁମ୍ବାଇ, ଦିଲ୍ଲୀ, କୋଲ୍‌କାତା ଏବଂ ଚେନ୍ନାଇରେ ଥିବା "ଟ୍ରାନ୍‌ଜିଟ୍ କ୍ୱାଟର୍ସର"ରେ କର୍ମଚାରୀଙ୍କ ପରିବାରବର୍ଗ ରହିପାରିବେ ।

ଡାକ୍ତରଖାନାରେ ଚିକିତ୍ସିତ ହେତୁ ଦରମା ବନ୍ଦ ହେଲେ, ୬ ମାସ ପର୍ଯ୍ୟନ୍ତ, ମାସିକ ସର୍ବାଧିକ ଟ.୩,୦୦୦/-ଙ୍କା, ସାହାଯ୍ୟ ମିଳିପାରିବ ।

### ୫. କର୍ମଚାରୀଙ୍କ ନିମିତ୍ତ ବିନା ସୁଧରେ ଆଡ୍‌ଭାନ୍‌ସ୍ -

"ଫେଷ୍ଟିଭାଲ ଆଡ୍‌ଭାନ୍‌ସ୍" - ଶେଷ ମାସର ପୂରା ଦରମାକୁ, ପ୍ରତି କ୍ୟାଲେଣ୍ଡର ବର୍ଷରେ ଥରେ, ନେଇପାରିବେ ।

"ସାଲାରୀ ଆଡ୍‌ଭାନ୍‌ସ୍" - ଶେଷ ମାସର ନେଟ୍ ଦରମାକୁ ନେଇପାରିବେ । "ପ୍ରୋଭିଡ଼େଣ୍ଟ ଫଣ୍ଡ" - ଏହି ଫଣ୍ଡରୁ ଅର୍ଥ ବା, ଋଣ ଉଠାଇପାରିବେ ।

### ୬. କର୍ମଚାରୀଙ୍କ ନିମିତ୍ତ ସୁଧ ଭିତ୍ତିକ ଲୋନ୍ -

"କ୍ଲିନ୍ ଓଭର ଡ୍ରାଫ୍‌ଟ୍" – କିରାଣୀ - ୨ ବର୍ଷ ପରେ ୧.୫ ଲକ୍ଷ, ୫ ବର୍ଷ ପରେ ୪ ଲକ୍ଷ ଏବଂ ୮ ବର୍ଷ ଚାକିରୀ ପରେ ୫ ଲକ୍ଷ ଟଙ୍କା ନେଇପାରିବେ, ଏବଂ ସବ୍‌ଷ୍ଟାଫ୍ - ୨ ବର୍ଷ ପରେ ୮୦ ହଜାର, ୫ ବର୍ଷ ପରେ ୧.୫ ଲକ୍ଷ ଟଙ୍କା ଏବଂ ୮ ବର୍ଷର ଚାକିରୀ ପରେ ୨ ଲକ୍ଷ ଟଙ୍କା ନେଇପାରିବେ ।

"ଷ୍ଟାଫ୍ ହାଉସିଙ୍ଗ୍ ଲୋନ୍" - ୬ ମାସର ଚାକିରୀ ପରେ ଗୃହ କ୍ରୟ ପାଇଁ - କିରାଣୀ ୩୫ ଲକ୍ଷ ଟଙ୍କା ଓ ଗୃହ ମରାମତି ପାଇଁ ୭ ଲକ୍ଷ ଟଙ୍କା ଏବଂ ସବ୍‌ଷ୍ଟାଫ୍ - ୨୫ ଲକ୍ଷ ଟଙ୍କା ଓ ଗୃହ ମରାମତି ପାଇଁ ୫ ଲକ୍ଷ ଟଙ୍କା ଋଣ ନେଇପାରିବେ ।

"କନ୍‌ଭେୟାନ୍‌ସ୍ ଲୋନ୍" - ଚାକିରୀର ୨ ବର୍ଷ ପରେ ବାଇକ୍ ଏବଂ, ୩ ବର୍ଷ ପରେ କାର୍ ପାଇଁ, ମୋଟରେ ୫ ଲକ୍ଷ ଟଙ୍କା ଋଣ ନେଇପାରିବେ ।

"ଫର୍ଣ୍ଣିଚର ଲୋନ୍" - ୩ ବର୍ଷର ଚାକିରୀ ପରେ କିରାଣୀ ୬୦ ହଜାର ଟଙ୍କା ଏବଂ ସବ୍‌ଷ୍ଟାଫ୍ ୪୦ ହଜାର ଟଙ୍କା ଋଣ ନେଇପାରିବେ ।

### ୭. କେବଳ ସବ୍‌ଷ୍ଟାଫ୍ ସାଥିଙ୍କ ପାଇଁ –

"+୩/ଡିପ୍ଲୋମା" ପଢୁଥିବା ସବ୍‌ଷ୍ଟାଫଙ୍କ ୨ଜଣ ପିଲାଙ୍କ ନିମିତ୍ତ ପ୍ରତି ଶିକ୍ଷାବର୍ଷରେ ମୋଟ ବ୍ୟୟର ଅଧା ବା, ସର୍ବାଧିକ ଟ୧୦,୦୦୦/-ଙ୍କା ମିଳିବ ।

"ୟୁନିଫର୍ମ" -ଗ୍ରୀଷ୍ମ ବସ୍ତ୍ର (୨ ବର୍ଷରେ ୩ ହଳ) ହଳପ୍ରତି ଟ.୧,୪୦୦/-ଙ୍କା ଓ ଶୀତ ବସ୍ତ୍ର (୩ ବର୍ଷରେ ୧ ହଳ) ହଳପ୍ରତି ଟ୩,୬୦୦/-ଙ୍କା ପାଇବେ ।

ଡ୍ରାଇଭର୍ ଏବଂ ଆର୍ମଡ୍ ଗାର୍ଡମାନଙ୍କ ନିମିତ୍ତ ଜୋତା, ମୋଜା, ବ୍ରସ୍ ଏବଂ ପଲିସ୍ ଇତ୍ୟାଦି ପାଇବେ ।

ପ୍ରତି ଶାଖାରେ ବ୍ୟବହାର ନିମିତ୍ତ ବର୍ଷାତି ଏବଂ ଛତା ମିଳିବ ।

"ସବ୍‌ଷ୍ଟାଫରୁ କିରାଣୀ ପଦବୀକୁ ପଦୋନ୍ନତି" – ଗ୍ରାଜୁଏଟ୍ ପାସ୍ ପରେ ଜଣେ ସବ୍‌ଷ୍ଟାଫ୍ ସିଧାସଳଖ ପଦୋନ୍ନତି ପାଇପାରିବେ ।

ମାଟ୍ରିକ୍ ପାସ୍ କରିଥିଲେ ୨ ବର୍ଷ, ୮ମ ପାସ୍ କରିଥିଲେ ୫ ବର୍ଷ କିମ୍ବା, ୧୦ ବର୍ଷର ଚାକିରୀ ପରେ ପଦୋନ୍ନତି ପାଇଁ ପରୀକ୍ଷା ଦେଇପାରିବେ ।

### ୮. ଅନ୍ୟାନ୍ୟ ତଥ୍ୟ –

"ଡ୍ୟୁଟି-ଆୱାର" (ମଧ୍ୟାହ୍ନ ବିରତିକୁ ବାଦ୍ ଦେଇ) – କିରାଣୀ-୬ ଘଣ୍ଟା ୩୦ ମିନିଟ୍, ପିଅନ-୭ ଘଣ୍ଟା ଏବଂ ଏବଂ ଆର୍ମଡ୍ ଗାର୍ଡ-୭ ଘଣ୍ଟା ୩୦ ମିନିଟ୍ ।

"କି-ଆଲାଉନ୍‌ସ୍" -ହେଡ୍ କ୍ୟାସିଅର୍-ମାସିକ ଟ୨୫/- ।"ଡିସକମ୍ଫୋର୍ଟ ଆଲାଉନ୍‌ସ୍" -ସିଟିଏସ୍ ଶାଖାରେ ସଂପୃକ୍ତ କର୍ମଚାରୀଙ୍କୁ ଦୈନିକ ଟ୯୦/- ।

"ଅଫିସିଏଟିଙ୍ଗ୍ ପେ" - କୌଣସି ଶାଖାର "ସାଙ୍କସନ୍‌ଡ୍ ହ୍ୱାୟାର ଆସାଇନ୍‌ମେଣ୍ଟ ପୋଷ୍ଟ"ରେ ଯେଉଁଦିନ କେହି ପଦବୀଧାରୀ କର୍ମଚାରୀ ନ ଥିବେ, ତେବେ ସେହି ପୋଷ୍ଟ ନିମିତ୍ତ, ସେହିଦିନଗୁଡିକ ପାଇଁ, ଅନ୍ୟ ଜଣେ କର୍ମଚାରୀ ଅଫିସିଏଟିଙ୍ଗ୍ ପେ ପାଇପାରିବେ ।

"ମଧ୍ୟାହ୍ନ ବିରତି ଖର୍ଚ୍ଚ" - ମଧ୍ୟାହ୍ନ ବିରତି ସମୟରେ ବ୍ୟାଙ୍କ୍ କାର୍ଯ୍ୟ ନିମିତ୍ତ, ଶାଖା ବାହାରେ ଥିଲେ, ଟ.୨୫/-ଙ୍କା ଖାଇବା ଖର୍ଚ୍ଚ ନେଇପାରିବେ ।

ବ୍ୟାଙ୍କ୍‌ର କୌଣସି କାର୍ଯ୍ୟରେ ଶାଖା ବାହାରକୁ ଗଲେ ଯାତାୟତ ଖର୍ଚ୍ଚ (କନ୍‌ଭେୟାନ୍‌ସ୍) ନେଇପାରିବେ ।

"ଟି.ଇ.ବିଲ୍" - ବ୍ୟାଙ୍କ୍ କାର୍ଯ୍ୟରେ ଷ୍ଟେସନ୍ ବାହାରକୁ ଗଲେ ଏବଂ ସାଧାରଣ ବଦଳି କ୍ଷେତ୍ରରେ "ଟୁର୍ ଆଡ୍‌ଭାନ୍‌ସ୍/ଟି.ଇ.ବିଲ୍" ମିଳିବ ।

"ଛୁଟି" – ସି.ଏଲ୍.- ବର୍ଷକୁ ୧୨ ଦିନ, ପି.ଏଲ୍.- ବର୍ଷକୁ ସର୍ବାଧିକ ୩୩ ଦିନ, ସିକ୍-ଲିଭ୍ -୨୭୦ ଦିନ,୨୪ ବର୍ଷ ପରେ ଅତିରିକ୍ତ ସର୍ବାଧିକ ୪୫ ଦିନ ।

ମାଟରନୀଟୀ ଲିଭ୍ – ମହିଳା କର୍ମଚାରୀଙ୍କୁ ସନ୍ତାନ ଜନ୍ମ ସମୟରେ ୬ ମାସ ଲେଖାଁଏ ଛୁଟି, ଚାକିରୀକାଳ ମଧ୍ୟରେ ମୋଟରେ ୧୨ ମାସ, ମିଳିପାରିବ ।

ପାଟରନୀଟୀ ଲିଭ୍ – ପୁରୁଷ କର୍ମଚାରୀଙ୍କୁ ସନ୍ତାନ ଜନ୍ମ ସମୟରେ ୧୫ ଦିନ ଲେଖାଁଏ ଛୁଟି, ଚାକିରୀକାଳ ମଧ୍ୟରେ ୨ ଥର, ମିଳିପାରିବ ।

ସାବାଟୀକାଲ୍ ଲିଭ୍ – ବିନା ଦରମାରେ ଚାକିରୀକାଳ ମଧ୍ୟରେ ୨ ଥର, ସର୍ବନିମ୍ନ ୬ ମାସ ଏବଂ ସର୍ବାଧିକ ୩ ବର୍ଷ ମିଳିପାରିବ ।

ସ୍ପେଶାଲ୍ ସି.ଏଲ୍.-ରକ୍ତ ଦାନ, କ୍ଷୁଦ୍ର ପରିବାର ଜନିତ ଅସ୍ତ୍ରୋପଚାର, ଗର୍ଭନିରୋଧ ବ୍ୟବସ୍ଥା ତଥା ଭିନ୍ନକ୍ଷମ କର୍ମଚାରୀଙ୍କୁ ବର୍ଷକୁ ୪ ଥର ଏହା ମିଳିବ ।

ଜଏନିଂ ଟାଇମ୍ ଲିଭ୍ – ବଦଳି ହେବାର ୩ ମାସ ମଧ୍ୟରେ କର୍ମଚାରୀଙ୍କୁ ପ୍ରତିଥର ପାଇଁ ୬ ଦିନର ଛୁଟି (ଜଏନିଂ ଟାଇମ୍ ଲିଭ୍) ମିଳିବ ।

ଅନୁରୋଧ କ୍ରମେ ବଦଳି କ୍ଷେତ୍ରରେ ମାତ୍ର ୧ ଥର ପାଇଁ ଜଏନିଂ ଟାଇମ୍ ଲିଭ୍ ମିଳିବ । ସାଧାରଣ ବଦଳି କ୍ଷେତ୍ରରେ "ଟି.ଇ.ବିଲ୍" ମିଳିବ ।

"ପରିବାର ବର୍ଗ" – ସ୍ତ୍ରୀ, ପୁଅ ଝିଅ, ମାସକୁ ଟ.୧୦,୦୦୦/-ରୁ କମ୍ ଆୟ କରୁଥିବା ପିତା ମାତା ବା, ଶାଶୁ ଶ୍ୱଶୁର ଏବଂ ଭିନ୍ନକ୍ଷମ ଭାଇ ଭଉଣୀ ।

"ବଦଳି ଅନୁରୋଧ" – ଜଣେ କର୍ମଚାରୀ ୩ଟି ଷ୍ଟେସନ୍‌କୁ ଆବେଦନ କରିପାରିବେ ।

"କିରାଣୀରୁ ଅଫିସର ପଦବୀକୁ ପଦୋନ୍ନତି" – ୨ ବର୍ଷରେ ମେରିଟ୍ ଚାନେଲ୍ ଏବଂ ୩ ବର୍ଷରେ ସିନିଅରିଟୀ ଚାନେଲ୍ ପାଇଁ ପରୀକ୍ଷା ଦେଇପାରିବେ ।

"ଚାକିରୀକାଳ ମଧ୍ୟରେ ମୃତ୍ୟୁ" – ପରିବାର ବର୍ଗଙ୍କୁ ୨ ଲକ୍ଷରୁ ୬ ଲକ୍ଷ ଟଙ୍କା ମଧ୍ୟରେ ଆର୍ଥିକ ସାହାଯ୍ୟ ବା, ଜଣଙ୍କୁ ଚାକିରୀ ମିଳିପାରିବ ।

ମୃତ କର୍ମଚାରୀଙ୍କର ବକେୟା "କର୍ମଚାରୀ ଗୃହ ଋଣ" ଉପରେ ସର୍ବାଧିକ ଟ.୨,୦୦,୦୦୦/-ଙ୍କା "ଏକ୍ସ-ଗ୍ରାସିଆ" ସାହାଯ୍ୟ ମିଳିପାରିବ ।

କର୍ମଚାରୀଙ୍କ ମୃତ୍ୟୁ ସମୟରେ ୧୦ମ ବା, ତଦୂର୍ଦ୍ଧ ଶ୍ରେଣୀରେ ପଢୁଥିବା ୨ଟି ପିଲାଙ୍କୁ ପରବର୍ତ୍ତୀ ୬ଟି ଶିକ୍ଷାବର୍ଷ ନିମିତ୍ତ ବର୍ଷକୁ ଟ.୨,୦୦୦/-ଙ୍କା ମିଳିବ ।

ସମ୍ପୂର୍ଣ୍ଣ ଚାକିରୀ କାଳ ସମାପ୍ତ ପରେ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ, ସର୍ବାଧିକ ଟ.୭,୫୦୦/-ଙ୍କା ମୂଲ୍ୟର "ସ୍ମାରକ" ପ୍ରଦାନ କରାଯିବ ।

"ଚାକିରୀରୁ ଅବସର ପରେ" – ପ୍ରୋଭିଡ଼େଣ୍ଟ ଫଣ୍ଡ, ଗ୍ରାଚ୍ୟୁଇଟୀ (ସର୍ବାଧିକ ୧୦ ଲକ୍ଷ ଟଙ୍କା), ସର୍ବାଧିକ ୨୪୦ ଦିନର ପି.ଏଲ୍. ଏନ୍‌କ୍ୟାସମେଣ୍ଟ ଏବଂ ପେନ୍‌ସନ୍ ଉପରେ କମ୍ୟୁଟେସନ୍ ପାଇପାରିବେ ।

"ୟୁ.ବି.ଆଇ.ଆର୍.ଇ.ଏମ୍.ଏ.ଏସ୍." – ଅବସରପ୍ରାପ୍ତ କର୍ମଚାରୀ ଜୀବନକାଳ ମଧ୍ୟରେ ସର୍ବାଧିକ ଟ.୧,୫୦,୦୦୦/-ଙ୍କା ପର୍ଯ୍ୟନ୍ତ ଏବଂ ପ୍ରତି କ୍ୟାଲେଣ୍ଡର ବର୍ଷରେ "ହେଲ୍‌ଥ୍ ଚେକ୍-ଅପ୍" ବାବଦ ଟ.୨,୦୦୦/-ଙ୍କାର ବାର୍ଷିକ ଆର୍ଥିକ ସାହାଯ୍ୟ ପାଇବେ ।